# <u>ତହସିଲ କାର୍ଯ୍ୟାଳୟ, ବାଲିଶଙ୍କରା</u>

ବିଜ୍ଞାପନ ପତ୍ର ସଂଖ୍ୟା. ୨୧୪୩ ତା. 23.12.20

## ଲଘୁ ଖଣିଜ ଦ୍ରବ୍ୟ ଦିର୍ଘମିୟାଦୀ ନିମନ୍ତେ ବିଜ୍ଞାପନ

(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-2004 ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ - 2016 ଅନୁଯାୟୀ)

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅଧିନସ୍ଥ ବାଲିଶଙ୍କରା ତହସିଲରେ ଥିବା ସାରଣୀ-1 ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉସ ଗୁଡ଼ିକୁ ଆସନ୍ତା 5 ବର୍ଷ ପାଇଁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ **'M'** ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (3) ସେଟ୍ ଜଉମୁଦ ଲଫାପାରେ ଆସନ୍ତା 28.01.2021 ତାରିଖ ଦିବା 11.00 ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ବାଲିଶଙ୍କରା କାର୍ଯ୍ୟାଳୟରେ ଥିବା **Tender BOX** ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡ଼ିକ ସେହି ଦିନ ଦିବା 12.30 ସମୟରେ ତହସିଲଦାର ଙ୍କ କାର୍ଯ୍ୟାଳୟରେ ଜଉମୁଦ ଥିବା Tender Box କୁ ଖୋଲାଯାଇ ସେଥିରେ ଥିବା ଲଫାପା ଗୁଡିକୁ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି । ଜଉମୁଦ ଲଫାପା ଦାଖଲ ବେଳାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉସର ନାମ ସଠିକ ରୂପେ ଲେଖିବାକୁ ପଡ଼ିବ । ଦରଖାସ୍ତକାରୀ ପ୍ରତେକ ସୈରାତ ଉସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ କରିବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଉସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ଵିତୀୟ ଥର ପାଇଁ ତା.10.02.2021 ରିଖ ଓ ତୃତୀୟଥର ପାଇଁ ତା. 19.02.2021 ରିଖ ଦିବା 11.00 ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ । ସେ ଗୁଡ଼ିକ ଅପରାହ୍ନ 12.30 ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି ।

23.12.20

Tahasildar
Balisankara

ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ ହେବନାହିଁ । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website – http://sundergarh.nic.in ରେ ଉପଲବ୍ଧ ଅଟେ ।

ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ –

1. ଦରଖାସ୍ତ କାରୀ ତିନିକିତା ଦରଖାସ୍ତ Form "M" ଦାଖଲ କରିବେ ।
2. ଦରଖାସ୍ତ ଫିସ ବାବଦକୁ ଟ୍ରେଜରି ଚାଲାନ ଟ. 1000/- (Non refundable) in Head of account – 0853-Non-Ferrous mining & Metallurgical Industries 102- Mineral concession fee, Rents and Royalties. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
3. କୌଣସି ମାଇନିଙ୍ଗ ବାବଦକୁ ବକେୟା ଦେୟ ନଥିବା ତଥା ସେ Mines & Minerals ( Development & Regulation) Act 1957 ଅନ୍ତର୍ଗତ କୌଣସି ମୋକଦ୍ଦମା ରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ନେଇ ଏକ ସତ୍ୟପାଠ । ( In Original)
4. ଆବେଦନକାରୀଙ୍କ Solvency Certificate (କେବଳ Revenue Authority ଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବ)/ Bank guarantee( ଯାହାକି 18 ମାସ ପର୍ଯ୍ୟନ୍ତ ବୈଧ ଥିବ) ଯାହାର ମୂଲ୍ୟ ଏକ ବର୍ଷର ( ଡକାଯାଇ ଥିବା Additional Charge+ Royalty) ମୂଲ୍ୟରୁ କମ ହୋଇ ନଥିବ ।
5. ସାରଣୀ-1 ରେ ଦର୍ଶିତ ସ୍ତମ୍ଭ-11 ରେ ଲିଖିତ EMD ମୂଲ୍ୟର BANK DRAFT Tahasildar, Balisankara & payable at SBI Subdega ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । EMD i.e. 5% of {(Minimum Guaranteed Quantity) x (Royalty + Additional charges)} । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରିଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।
6. ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତ୍ ଗୁଡ଼ିକ ଦାଖଲ ନଦେଲେ ତାଙ୍କ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

23.12.20
Tahasildar
Balisankara

ଏତତ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡ଼ିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଇଅଛି ।

## ସର୍ତ୍ତାବଳୀ

1. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017 & 2018 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ ।
2. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ, ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ । ଲିଜ ପରେ ସୈରାତ ଉତ୍ସ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. OMMC Rules, 2016 ଅନୁଯାୟୀ ବାଲି ଉତ୍ସ ପାଇଁ ବାଲିର Royalty ପ୍ରତି ଘନ ମିଟର ପିଛା 35 ଟଙ୍କା ଧାର୍ଯ୍ୟ ହୋଇଅଛି ଏବଂ ଏହି ମୂଲ୍ୟରେ ଯଦି ସରକାର ଲିଜ ସମୟ ( lease period) ମଧ୍ୟରେ କୌଣସି ପରିବର୍ତ୍ତନ କରନ୍ତି, ତାହା ଦେବାକୁ ବଧ ହେବେ। ( Rate of Royalty will be synonymous as per Schedule-II of OMMC Rules, 2016 or any changes made therein in future during the lease period by the Govt.) ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ-1 ର ସ୍ତମ୍ଭ – 9 ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ବା ତଦୁର୍ଦ୍ଧ quote କରିବାକୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form – F ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ । ଏବଂ ତାଙ୍କର ସହମତି 15 ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।
4. ଉତ୍ସ ପରିଚାଳନା ପୂର୍ବରୁ ଯୋଗ୍ୟ ବିବେଚିତ ଲିଜଧାରୀ ଉପଯୁକ୍ତ ପଦାଧିକାରୀଙ୍କ ଠାରୁ Mining Plan ପ୍ରସ୍ତୁତ ଓ Environmental Clearance ପ୍ରସ୍ତୁତ ଖର୍ଚ୍ଚ ପଇଠ କରିବାକୁ ହେବ । ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ଶାଖା, ରାଉରକେଲା ଙ୍କ ଠାରୁ CTE (Consent to Establish)/ CTO (Consent to Operate) ର ଆଦେଶ ମଧ୍ୟ ଉତ୍ସର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ ଦେବାକୁ ହେବ ।
5. ଏଥିସହ Royalty or Dead Rent (ଯାହା ଅଧିକ), Surface Rent, Fees for compensatory afforestation / fees for Environment Management Fund (EMF) {5% of (Royalty +

Tahasildar
Rajgangpur

Additional charges offered)} fees for District Mineral Foundation (DMF) {10% of (Royalty + Additional charges offered)} ଏବଂ TCS {2% of (Royalty + Additional charges)} ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act & Stamp Act. ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରାହ୍ୟ କରାଯିବ ।

6. ଯଦି ଲିଜଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରି ପାରିବେ ।
7. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ୍ ସମୟରେ ସରକାରୀ ଦେୟ ପୈଠ ନକରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ତାଙ୍କୁ ସୁଯୋଗ ଦିଆଯିବ ।
8. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ଏଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ସମୟ ସୀମା ଉଲ୍ଲେଖ କରିବା ସହ ବିଜ୍ଞାପନ ଖର୍ଚ୍ଚ ବହନ କରିବେ ।
9. ବାର୍ଷିକ ମୋଟ ଦେୟ ର 2 % ଲିଜ ଧାରୀ ଆୟକର (TDS) ଆକାରରେ ଟଙ୍କା ଜମା କରିବେ ।
10. ଲିଜ ପରେ ସୈରାତ ଚଲାଇବା ସଂପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
11. ଲଘୁ ଖଣିଜ ପଦାର୍ଥ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବାକୁ ପଡିବ ।
    a. Sand (per cubic meter) Rs. 35.00 (Royalty )
    b. Surface Rent Rs. 360.00 (ପ୍ରତିବର୍ଷ), ପ୍ରତି ହେକ୍ଟର
    c. Dead Rent Rs. 10500.00 (for sand) (ପ୍ରତିବର୍ଷ)ପ୍ରତି ହେକ୍ଟର

Tahasildar
Balisankara

12. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେଇ OPDR Case ମାଧ୍ୟମରେ ଆଦାୟ କରାଯିବ ।

13. ଧାର୍ଯ୍ୟତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇନ ପାରିଲେ କର୍ତ୍ତୃପକ୍ଷ ଦାୟି ହେବେ ନାହିଁ ।

14. ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜଧାରୀ Odisha Minor Mineral Concession Rules, 2016 ଏବଂ Odisha Minor Mineral Concession (Amendment) Rules 2017 & 2018 ର ଉଲଂଘନ କରନ୍ତି ତାହେଲେ ଲିଜଧାରୀଙ୍କ ଲିଜ କୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲକରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି । ସୈରାତ ଉତ୍ସ ଗୁଡ଼ିକର ଲିଜ୍ ସମ୍ବନ୍ଧିୟ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website – http://sundergarh.nic.in ରେ ଉପଲବ୍ଧ ହେବ

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ-1 ରେ ବର୍ଣ୍ଣିତ ଅଛି ।

(Signature) 23.12.20
ତହସିଲଦାର, ବାଲିଶଙ୍କରା

ଜ୍ଞାପକ ସଂଖ୍ୟା ୨୪୪ ତାରିଖ 23.12.20

ଏହାର ଏକକିତା ନକଲ ସମସ୍ତ ତହସିଲଦାର, ଜିଲ୍ଲା- ସୁନ୍ଦରଗଡ଼ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିଶଙ୍କରା / ରାଜସ୍ୱ ନିରୀକ୍ଷକ, ବାଲିଶଙ୍କରା,ତଲସରା,ତୁମୁଲିଆ,ଶାଗବାହାଲ,କିଞ୍ଜିରକେଲା, ଦେଓଭୁବନପୁର ଓ ସମସ୍ତ ଗ୍ରା.ପ. ସରପଞ୍ଚ ଅବଗତି ତଥା ନୋଟିସ ବୋର୍ଡ଼ରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

(Signature) 23.12.20
ତହସିଲଦାର, ବାଲିଶଙ୍କରା

ଜ୍ଞାପକ ସଂଖ୍ୟା ୨୪୫ ତାରିଖ 23.12.20

ଏହାର ଏକକିତା ନକଲ, ଜିଲ୍ଲାପାଳ, ସୁନ୍ଦରଗଡ଼ / ଉପ-ଜିଲ୍ଲାପାଳ,ସଦର, ସୁନ୍ଦରଗଡ଼ / ନିର୍ବାହି ଅଧିକାରୀ ମ୍ୟୁନିସିପାଲଟି, ସୁନ୍ଦରଗଡ଼ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଦିଆଗଲା ।

ତହସିଲଦାର, ବାଲିଶଙ୍କରା

(Signature) 23.12.20
Tahasildar
Balisankara

ଜ୍ଞାପକ ସଂଖ୍ୟା ୨୧୫୬ ତାରିଖ ୨୩.୧୨.୨୦

ଏହାର ଏକକିତା ନକଲ, ବାଲିଶଙ୍କରା ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ / ତହସିଲ ନାଜିରଙ୍କ ଅବଗତି ତଥା ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରକାଶ କରାଗଲା ।

୨୩.୧୨.୨୦

Tahasildar Balisankar

ତହସିଲଦାର, ବାଲିଶଙ୍କରା

ଜ୍ଞାପକ ସଂଖ୍ୟା ୨୧୫୭ ତାରିଖ ୨୩.୧୨.୨୦

ଏହାର ଏକକିତା ନକଲ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC) ସୁନ୍ଦରଗଡ଼ ଙ୍କ ଅବଗତି ତଥା ଜିଲ୍ଲା Website ରେ ପ୍ରଦର୍ଶିତ କରିବା ନିମନ୍ତେ ପ୍ରେରଣ କରାଗଲା ।

୨୩.୧୨.୨୦

ତହସିଲଦାର, ବାଲିଶଙ୍କରା

Tahasildar Balisankar

# ତହସିଲ କାର୍ଯ୍ୟାଳୟ, ବାଲିଶଙ୍କରା

ବିଜ୍ଞାପନ ପତ୍ର ସଂଖ୍ୟା. 2458 ତା. 23.12.20

ଲଘୁ ଖଣିଜ ଦ୍ରବ୍ୟ ନିମନ୍ତେ ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜି[illegible] ଅନ୍ତର୍ଗତ ବାଲିଶଙ୍କରା ତହସିଲ ଅଧିନରେ ଥିବା 02 (ଦୁଇ) ଟି ସୈରାତ ଉସ (ସାରଣୀ-1 ରେ ବର୍ଣ୍ଣିତ) ଗୁଡ଼ିକ ଆଗାମୀ 5 (ପାଞ୍ଚ) ବର୍ଷ ପାଇଁ ଦୀର୍ଘମିୟାଦି ଲିଜ୍ ସୂତ୍ରେ ନେବାପାଇଁ ଦରଖା[illegible] ଆହ୍ୱାନ କରାଯାଉଛି ।

ସୈରାତ ଉସ ଗୁଡ଼ିକର ଲିଜ୍ ସମ୍ବନ୍ଧିୟ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website [illegible] ରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବ[illegible] ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍[illegible] ଦିବସରେ ଯୋଗାଯୋଗ କରି ପାରିବେ ।

23.12.20

ତହସିଲଦାର, ବାଲିଶଙ୍କରା

# ତହସିଲ କାର୍ଯ୍ୟାଳୟ, ବାଲିଶଙ୍କରା

## ବର୍ଷ- 2020-21

## ଲଘୁ ଖଣିଜ ଉତ୍ସ ଗୁଡିକର ବିବରଣୀ

| କ୍ର ନଂ | ଉତ୍ସର ନାମ/ ମୌଜାର ନାମ | ସୈରାତ ଉତ୍ସର ବିବରଣୀ | | | | | Royalty ( in Rs.) | Minimum Additional Charges ( in Rs.) | ପ୍ରତିବର୍ଷ ଉଠାଣ ହେବାକୁ ଥିବା Minimum Guaranteed quantity ( in cam per year) | Interest free security deposit ( in Rs.) | Solvency Certificate/ Bank guarantee ର ପରିମାଣ |
|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ଏକର | ହେକ୍ଟର | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 01 | ତେଲିଯୋର ବାଲି ଉତ୍ସ | ତେଲିଯୋର | 197 | 1759/p | 8.30 | 3.360 | 35.00 | 20.00 | 5000 | 13750.00 | ଯାହାର ମୂଲ୍ୟ ଆବେଦନ କରାଙ୍କ ଦ୍ୱାରା ଡକାଯାଇଥିବା Additional Charges ଏବଂ Royalty ( ଏକ ବର୍ଷର) ଠାରୁ କମ ହୋଇ ନଥିବ |
| 02 | କୁସୁମରା ବାଲି ଉତ୍ସ | କୁସୁମରା | 203 | 1281/p | 12.00 | 4.858 | 35.00 | 20.00 | 5000 | 13750.00 | |

23.12.20

ତହସିଲଦାର, ବାଲିଶଙ୍କରା

Tahasildar
Balisankara